# NATIONAL NEWS BULLETIN (ODIA)

## 21 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶ ଗସ୍ତର ଆଜି ଶେଷ ଦିନରେ ମଥୁରା ଜିଲ୍ଲାର ଦାଘାଟି ମନ୍ଦିରରେ ପ୍ରାର୍ଥନା କରିବେ ରାଷ୍ଟ୍ରପତି ।
- ଆୟକର ଆଇନ୍ ୨୦୨୫ ଉପରେ ଦେଶବ୍ୟାପୀ ସଚେତନତା ଅଭିଯାନ ପ୍ରାରମ୍ଭ ୨୦୨୬ର ଶୁଭାରମ୍ଭ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।
- ରମ୍‌ଜାନ ପର୍ବର ଶେଷ ପର୍ଯ୍ୟାୟରେ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ପବିତ୍ର ଇଦ୍-ଉଲ୍-ଫିତର ।
- ମୁମ୍ବାଇରେ ଆଜିଠାରୁ ଆରମ୍ଭ ହେବ ଭାରତ ଇନୋଭେଟ୍‌ସ ଡିପ୍‌ଟେକ୍ ପ୍ରାକ୍ ସମ୍ମିଳନୀ ।

ଏବଂ

- ଓରଲିନ୍ସ ମାଷ୍ଟର୍ସ ବ୍ୟାଡମିଣ୍ଟନରେ ମହିଳା ସିଙ୍ଗଲ୍ସରେ ଆଜି ସଂଧ୍ୟାରେ ହେବ ଭାରତ ଓ ଜାପାନ ମଧ୍ୟରେ ମ୍ୟାଚ୍ ।

## ପ୍ରେଜ୍ ମଥୁରା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ଗୋବର୍ଦ୍ଧନସ୍ଥିତ ଦାଙ୍ଘାଟି ମନ୍ଦିରରେ ପ୍ରାର୍ଥନା କରିବେ। ଆମର ସମ୍ବାଦଦାତା ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ପାରମ୍ପରିକ ଗୋବର୍ଦ୍ଧନ ପରିକ୍ରମା ମଧ୍ୟ କରିବେ।

ଗୋବର୍ଦ୍ଧନ ପାହାଡ଼ର ଧାର୍ମିକ ଗୁରୁତ୍ୱ ରହିଛି କାରଣ ଏହା ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଜଡିତ। ଗୋବର୍ଦ୍ଧନର ପୂର୍ଣ୍ଣ ପରିକ୍ରମା ୨୧ କିଲୋମିଟର ଏବଂ ଏହାର ପରିସର ମଧ୍ୟରେ ଆସୁଥିବା ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟରେ ଦାଙ୍ଘାଟି ମନ୍ଦିର, ରାଧା କୁଣ୍ଡ, ଶ୍ୟାମ କୁଣ୍ଡ, କୁସୁମ ସରୋବର ଏବଂ ଜାତିପୁରା ରହିଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ତିନିଦିନିଆ ଉତ୍ତରପ୍ରଦେଶ ଗସ୍ତ ଗୁରୁବାର ଦିନ ଅଯୋଧ୍ୟାର ରାମ ଜନ୍ମଭୂମି ମନ୍ଦିର ଦର୍ଶନ ସହିତ ଆରମ୍ଭ ହୋଇଥିଲା। ପରେ, ସେ ଇସ୍କନ ମନ୍ଦିର ଏବଂ ବୃନ୍ଦାବନର ପ୍ରେମ ମନ୍ଦିରରେ ପ୍ରାର୍ଥନା କରିଥିଲେ। ରାଷ୍ଟ୍ରପତି ରାମକୃଷ୍ଣ ମିଶନ ସେବାଶ୍ରମର ନୂତନ କର୍କଟ ରୋଗ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ଉଦଘାଟନ କରିଥିଲେ ।

## ପ୍ରାରମ୍ଭ-ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ନୂଆଦିଲ୍ଲୀରେ ଆୟକର ଆଇନ, ୨୦୨୫ ଉପରେ ଦେଶବ୍ୟାପୀ ସଚେତନତା ଅଭିଯାନ 'ପ୍ରାରମ୍ଭ

୨୦୨୬'ର ଶୁଭାରମ୍ଭ କରିଛନ୍ତି। ଛାପା, ରେଡିଓ, ଟେଲିଭିଜନ, ଡିଜିଟାଲ୍ ଏବଂ ସାମାଜିକ ଗଣମାଧ୍ୟମକୁ ନେଇ ଏହି ନୂତନ ଆଇନର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି ପାଇଁ ବ୍ୟବସ୍ଥା କରାଯାଇଛି । ଆସନ୍ତା ମାସ ୧ ତାରିଖରୁ ଏହା କାର୍ଯ୍ୟକାରୀ ହେବ । ଏହି ଅବସରରେ ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଆୟକର ଆଇନ ୨୦୨୫ରେ ତ୍ରୁଟି ହ୍ରାସ କରିବା, ବିବାଦ କମ୍ କରିବା ଏବଂ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି । ନୂତନ ଆଇନ୍ ସରଳ ଭାଷାରେ ସାଧାରଣ ଲୋକଙ୍କ ବୁଝିବା ଭଳି କରାଯାଇଛି ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଆଇନର ପ୍ରତ୍ୟେକ ବିଭାଗକୁ ନୂତନ ଭାବେ ସଂଗଠିତ କରାଯାଇଛି, ଯେଉଁଥିରେ କଷ୍ଟକର ଶବ୍ଦଗୁଡ଼ିକୁ ପରିବର୍ତ୍ତନ କରାଯିବା ସହ ସାରଣୀ ଏବଂ ସୂତ୍ର ମାଧ୍ୟମରେ ବ୍ୟାଖ୍ୟା କରାଯାଇଛି। ସେ କହିଛନ୍ତି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆୟକର ଅଧିକାରୀମାନେ ୭୫ ହଜାର କାର୍ଯ୍ୟ ଘଣ୍ଟା କାର୍ଯ୍ୟ କରିଛନ୍ତି । ସେ କହିଛନ୍ତି, ୮୧୯ଟି ବିଭାଗକୁ ୫୩୬ଟିକୁ ହ୍ରାସ କରାଯିବା ସହ ଅଧ୍ୟାୟ ସଂଖ୍ୟା ୪୭ରୁ ୨୩ଟିକୁ ହ୍ରାସ କରାଯାଇଛି ।

## ଇଦ୍-ଉଲ୍-ଫିତର

ଆଜି ଦେଶର ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପାଳନ କରାଯାଉଛି। ଏହି ପର୍ବ ରମଜାନର ଉପବାସ ମାସର ଶେଷ ପର୍ଯ୍ୟାୟରେ ପାଳନ କରାଯାଇଥାଏ । ଏହି ଅବସରରେ ମୁସଲିମ ଧର୍ମାବଲମ୍ବୀମାନେ

ଈଦ୍‌ଗାହ ଏବଂ ମସଜିଦରେ ନମାଜ ପାଠ କରିବେ। ଇଦ୍-ଉଲ୍-ଫିତର ଅବସରରେ ଶୁଭେଚ୍ଛା ଆଦାନପ୍ରଦାନ ସହ ମିଷ୍ଟାନ୍ନ ବଣ୍ଟନ କରିବାର ପରମ୍ପରା ରହିଛି ।

ଦିଲ୍ଲୀରେ, ଜାମା ମସଜିଦ, ଫତେପୁରୀ ମସଜିଦ ଏବଂ ଶାହି ଈଦ୍‌ଗାହରେ ମୁଖ୍ୟ ଇଦ୍ ଧର୍ମସଭା ଅନୁଷ୍ଠିତ ହେବ। ଏହି ଅବସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକମାନଙ୍କୁ ଇଦ୍-ଉଲ୍-ଫିତରର ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ପର୍ବ ଆତ୍ମନିୟନ୍ତ୍ରଣ, ଦାନ ଏବଂ ଅବହେଳିତଙ୍କ ପାଇଁ କରୁଣାର ବାର୍ତ୍ତା ଦିଏ। ଏହା ପ୍ରେମ, ଭାଇଚାରା, ଶାନ୍ତି ଏବଂ ପାରସ୍ପରିକ ସଦ୍ଭାବର ବାର୍ତ୍ତା ମଧ୍ୟ ପ୍ରଦାନ କରେ। ସେ କହିଛନ୍ତି, ଇଦ୍ ପର୍ବ ଆମକୁ ମନେ ପକାଇ ଦିଏ ଯେ ଆମେ ସମସ୍ତ ବ୍ୟକ୍ତିଙ୍କ ମଙ୍ଗଳ ପାଇଁ ପ୍ରୟାସ କରିବା ଉଚିତ। ରାଷ୍ଟ୍ରପତି ମୁର୍ମୁ ଆହୁରି କହିଛନ୍ତି ଯେ ଏହି ଅବସରରେ, ଆସନ୍ତୁ ଆମେ ଆବଶ୍ୟକତା ଥିବା ଲୋକଙ୍କୁ ସାହାଯ୍ୟ କରିବା ସହ ସମାଜରେ ଏକତା ଏବଂ ସଦ୍‌ଭାବ ପ୍ରୋତ୍ସାହିତ କରି ଦେଶର ପ୍ରଗତିରେ ଯୋଗଦାନ ଦେବା ପାଇଁ ସଂକଳ୍ପ ନେବା ।

## ୱେଷ୍ଟ ଏସିଆ କନ୍‌ଫ୍ଲିଟ

ଆମେରିକା-ଇସ୍ରାଏଲ ମେଣ୍ଟ ଏବଂ ଇରାନକୁ ନେଇ ପଶ୍ଚିମ ଏସିଆ ବିବାଦ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଉପସାଗରୀୟ ଦେଶଗୁଡ଼ିକରେ

ପ୍ରମୁଖ ଶକ୍ତି ଭିତ୍ତିଭୂମି ଉପରେ ନୂତନ ସାମରିକ ଏବଂ ପ୍ରତିଶୋଧମୂଳକ ଆକ୍ରମଣ ଏହି ଅଞ୍ଚଳରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି ଏବଂ ଇଦ୍ ଉଲ୍-ଫିତର ଏବଂ ପାରସ୍ୟର ନବବର୍ଷ ନଓ୍ୱରୁଜ୍ ପାଳନ ଉପରେ ପ୍ରଭାବ ପକାଇଛି।

ଇତିମଧ୍ୟରେ ଆମେରିକା ଘୋଷଣା କରିଛି ଯେ ବିଶ୍ୱରେ ତୈଳ ଦର ହ୍ରାସ କରିବା ଲାଗି ସମୁଦ୍ରରେ ଫସି ରହିଥିବା ଇରାନୀ ତେଲ ଉପରୁ କଟକଣା କୋହଳ କରାଯିବ । ଏହି ବିରତି ଗତକାଲି ପର୍ଯ୍ୟନ୍ତ ଜାହାଜରେ ଲୋଡ୍ ହୋଇଥିବା ଇରାନୀ ତେଲ ପାଇଁ ପ୍ରଯୁଜ୍ୟ ଏବଂ ଆସନ୍ତା ମାସ ୧୯ ତାରିଖରେ ତାହା ଶେଷ ହେବ ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାନ ସହିତ ଯୁଦ୍ଧବିରତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଯୁଦ୍ଧର ତିନି ସପ୍ତାହ ପରେ ଆମେରିକା ୨,୫୦୦ ଅଧିକ ନୌବାହିନୀ ମୁତୟନ କରୁଛି।

ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି ଆମେରିକା ଯୁଦ୍ଧ ବନ୍ଦ କରିବାକୁ ଚିନ୍ତା କରୁଥିଲେ ମଧ୍ୟ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଆବଶ୍ୟକତା ପୂରଣ କରିବା ପାଇଁ ହରମୁଜ୍ ପ୍ରଣାଳୀକୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି ।

ଯୁଦ୍ଧ ଯୋଗୁଁ ଇରାନରେ ମୃତ୍ୟୁ ସଂଖ୍ୟା ୧୩୦୦ କୁ ବୃଦ୍ଧି ପାଇଥିବାବେଳେ ଲେବାନନରେ ୧ ହଜାରରୁ ଅଧିକ, ଇସ୍ରାଏଲରେ ୧୫

ଏବଂ ଅନ୍ୟାନ୍ୟ ଅଞ୍ଚଳରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି । ଲେବାନନ୍ ଏବଂ ଇରାନରେ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି।

## ଗଭ୍ ମେଜର୍ସ

ପଶ୍ଚିମ ଏସିଆରେ ବିକଶିତ ସୃଷ୍ଟ ପରିସ୍ଥିତି ଦୃଷ୍ଟିରୁ ଭାରତ ଏକ ସମନ୍ୱିତ ଏବଂ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିଛି। ବିଭିନ୍ନ ମନ୍ତ୍ରଣାଳୟର ମିଳିତ ପଦକ୍ଷେପ ମାଧ୍ୟମରେ, ସରକାର ସାରା ଦେଶରେ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସୁନିଶ୍ଚିତ କରୁଛନ୍ତି ଏବଂ କଳାବଜାରୀ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି।

ଦେଶରେ ଥିବା ସମସ୍ତ ତୈଳ ବିଶୋଧନାଗାର ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ସଂଗ୍ରହ ସହ ସର୍ବାଧିକ କାର୍ଯ୍ୟ କରୁଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏଲପିଜିର ଘରୋଇ ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ପାଇଛି। କୌଣସି ଇନ୍ଧନ ଅଭାବ ରିପୋର୍ଟ ମିଳିନାହିଁ ବୋଲି ମନ୍ତ୍ରଣାଳୟ କହିଛି । ଦେଶରେ କଳାବଜାରୀ ରୋକିବା ଲାଗି ଚଢ଼ଉ କରାଯାଉଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ସରକାର ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି । ସମନ୍ୱିତ ପ୍ରୟାସ ମାଧ୍ୟମରେ ଶହ ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବିମାନ ଉଡ଼ାଣ କରାଯାଉଛି।

# ଏଜୁକେଶନ ଡିପ୍ ଟେକ୍ ସମିଟ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆଜିଠାରୁ ମୁମ୍ବାଇରେ ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରାକ୍ ସମ୍ମିଳନୀ ଆୟୋଜନ କରୁଛି । ଏହାଦ୍ୱାରା ଭାରତ ଡିପ୍-ଟେକ୍ ନବସୃଜନ କ୍ଷେତ୍ରରେ ବିଶ୍ୱରେ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାନ ପାଇପାରିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଅଧିବେଶନରେ ଏହି ସମ୍ମିଳନୀକୁ ଉଦ୍‌ବୋଧନ ଦେବେ। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ  ଦୁଇ ଦିନିଆ ଶିଖର ସମ୍ମିଳନୀରେ ଦେଶମଧ୍ୟରୁ ୩ ହଜାରରୁ ଅଧିକ ଆବେଦନ ମଧ୍ୟରୁ ଚୟନ କରାଯାଇଥିବା ୧୩୭ଟି ଡିପ୍-ଟେକ୍ ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିବେ। ଏହି ଶିଖର ସମ୍ମିଳନୀରେ ଆଡଭାନ୍ସଡ୍ କମ୍ପ୍ୟୁଟିଂ, ମହାକାଶ, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନବସୃଜନ ପ୍ରଦର୍ଶନ କରାଯିବ। କାର୍ଯ୍ୟକ୍ରମରେ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ, ବରିଷ୍ଠ ସରକାରୀ ଅଧିକାରୀ, ଶିକ୍ଷାବିତ୍ ଏବଂ ଉଦ୍ୟୋଗୀମାନେ ମଧ୍ୟ ଯୋଗଦେବେ।

# ଇସିଆଇ-ଡବ୍ଲ୍ୟୁବି ଆପିଲେଟ୍ ଟ୍ରିବ୍ୟୁନାଲ

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ - ସାର୍‌ର ଅଂଶ ସ୍ୱରୂପ ଭୋଟର ତାଲିକାରେ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କିମ୍ବା ବାଦ ଦେବା ସମ୍ପର୍କିତ ଆବେଦନର ଶୁଣାଣି ପାଇଁ ଭାରତୀୟ ନିର୍ବାଚନ

କମିଶନ ୧୯ଟି ଆପିଲେଟ୍ ଟ୍ରିବ୍ୟୁନାଲ ଗଠନ କରିଛନ୍ତି। କମିଶନ କହିଛନ୍ତି ଚଳିତମାସ ୧୦ ତାରିଖରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ୧୯ଟି ଟ୍ରିବ୍ୟୁନାଲ ମଧ୍ୟରୁ ଗୋଟିଏ ପୂର୍ବତନ ମୁଖ୍ୟ ବିଚାରପତି ଟି. ଏସ୍. ଶିବଜ୍ଞାନମଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ପ୍ରଦୀପ୍ତ ରାୟ ଓ ତପେନ ସେନଙ୍କ ସମେତ ପୂର୍ବତନ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଅନ୍ୟ ଟ୍ରିବ୍ୟୁନାଲ ଗୁଡ଼ିକ ପରିଚାଳିତ ହେବ ।

କମିଶନ କହିଛି ଏହି ଟ୍ରିବ୍ୟୁନାଲଗୁଡ଼ିକ ଉତ୍ତର ୨୪ ପରଗନା, ପୂର୍ବ ମେଦିନୀପୁର, କୁଚବିହାର ଏବଂ ହାଓଡ଼ା ଭଳି ଜିଲ୍ଲାଗୁଡ଼ିକରେ ଭୋଟର ତାଲିକାରେ ବିସଙ୍ଗତି ସମ୍ବନ୍ଧୀୟ ମାମଲାରେ ନିଯୁକ୍ତ ନ୍ୟାୟିକ ଅଧିକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ଆବେଦନର ଶୁଣାଣି କରିବେ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀରେ ଲୋକଙ୍କ ପଦ୍ମ ଶୀର୍ଷକ ଧାରାବାହିକର ପରବର୍ତ୍ତୀ ଭାଗରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆର୍‌ମିଡା ଫର୍ଣ୍ଣାଣ୍ଡେଜ୍‌ଙ୍କ ସହ ସାକ୍ଷାତ୍‌କାର ପ୍ରଚାର କରାଯିବ । ସେ ଶିଶୁଯତ୍ନ କ୍ଷେତ୍ରରେ ପ୍ରମୁଖ ଅବଦାନ ଦେଇଛନ୍ତି । ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ । ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ମିନିଟ୍‌ରେ

ଆକାଶବାଣୀର ୧୦୦ ଦଶମିକ ୧ ଗୋଲ୍ଡ ଚ୍ୟାନେଲରେ ପ୍ରଚାର କରାଯିବ । ନ୍ୟୁଜ୍ ଅନ୍ ଏଆଇଆର୍ ଆପ୍ ଓ ନ୍ୟୁଜ୍ ଅନ୍ ଏଆଇର ଅଫିସିଆଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଏହାର ପ୍ରସାରଣ କରାଯିବ ।

# ଇସି-ପଲ୍ଟିକାଲ ଆଡ୍ସ

ନିର୍ବାଚନ କମିଶନ ଚାରିଟି ରାଜ୍ୟ ଆସାମ, କେରଳ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୬ଟି ରାଜ୍ୟରେ ଉପନିର୍ବାଚନ ପୂର୍ବରୁ ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ୍ ଗଣମାଧ୍ୟମରେ ରାଜନୈତିକ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ବ୍ୟକ୍ତି ଓ ସଂଗଠନକୁ ସେମାନଙ୍କର ବିଜ୍ଞାପନ ପ୍ରକାଶନ ପୂର୍ବରୁ ଅନୁମୋଦନ ନେବାକୁ ପଡିବ। ଗଣମାଧ୍ୟମ ପ୍ରମାଣୀକରଣ ଏବଂ ନିରୀକ୍ଷଣ କମିଟିଠାରୁ ଏହି ଅନୁମୋଦନ ନେବାକୁ ହେବ। ଏହି ନିୟମ ଟିଭି, ରେଡିଓ, ପବ୍ଲିକ୍ ଡିସପ୍ଲେ ସ୍କ୍ରିନ୍, ଇ-ପେପର୍, ସମୂହ ବାର୍ତ୍ତା, ଭଏସ୍ ମେସେଜ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଦେଖାଯାଉଥିବା ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ । କମିଶନ କହିଛନ୍ତି, ପ୍ରାର୍ଥୀ ଏବଂ ବ୍ୟକ୍ତିବିଶେଷ ଜିଲ୍ଲା କମିଟିରେ ପ୍ରମାଣପତ୍ର ପାଇଁ ଆବେଦନ କରିପାରିବେ। ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ମୁଖ୍ୟାଳୟ ଥିବା ରାଜନୈତିକ ଦଳଗୁଡ଼ିକୁ ରାଜ୍ୟସ୍ତରୀୟ କମିଟିରେ ଆବେଦନ କରିବାକୁ

ପଡିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ ଦାଖଲ କରିବାକୁ ପଡିବ।

## ବ୍ୟାଡମିଣ୍ଟନ

ଓରଲିନ୍ସ ମାଷ୍ଟର୍ସ ବ୍ୟାଡମିଣ୍ଟନରେ, ଆଜି ସନ୍ଧ୍ୟାରେ ଫ୍ରାନ୍ସର ପାଲାଇସ୍ ଡେସ୍ ସ୍ପୋର୍ଟସରେ ମହିଳା ସିଙ୍ଗଲ୍ସର ସେମିଫାଇନାଲରେ ଭାରତର ତନଭି ଶର୍ମା ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଜାପାନର ନୋଜୋମି ଓକୁହାରାଙ୍କ ବିପକ୍ଷରେ ମ୍ୟାଚ୍ ଖେଳିବେ । ଗତକାଲି କ୍ୱାର୍ଟରଫାଇନାଲ୍‌ରେ ତନ୍‌ଭି ଜାପାନର ଷଷ୍ଠ ମାନ୍ୟତାପ୍ରାପ୍ତ ନାଟସୁକି ନିଦାଇରାଙ୍କୁ ୨୧-୧୪, ୨୧-୧୪ରେ ପରାସ୍ତ କରିଥିଲେ।

ଅନ୍ୟ ଶେଷ ଚାରି ମୁକାବିଲାରେ, ଭାରତର ଇଶାରାଣୀ ବରୁଆ ଆଜି ରାତିରେ ଥାଇଲ୍ୟାଣ୍ଡର ପିଚାମୋନ୍ ଓପାଟନିପୁଥଙ୍କ ବିପକ୍ଷରେ ମ୍ୟାଚ୍ ଖେଳିବେ ।

ପୂର୍ବରୁ, ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଅର୍ଜୁନ ମାଦାଥିଲ୍ ରାମଚନ୍ଦ୍ରନ୍ ଏବଂ ହରିହରନ୍ ଆମସାକାରୁନାନ୍ କ୍ୱାର୍ଟରଫାଇନାଲ୍‌ରେ ୧୨-୨୧, ୨୦-୨୨ରେ ଇଣ୍ଡୋନେସିଆର ଯୋଡ଼ି ବାଗାସ୍ ମୌଲାନା ଏବଂ ଲିଓ କାର୍ନାଣ୍ଡୋଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଥିଲେ।